# ରଷିକୁଲ୍ୟା ନଦୀ ସୁରକ୍ଷା ଆନ୍ଦୋଳନ ତେଜିଲା

ଗଞ୍ଜାମ,୫।୬(ବିଦ୍ୟାଧର ସାହୁ)

ବିଶ୍ୱ ପରିବେଶ ଦିବସରେ ରଷିକୂଲ୍ୟା ନଦୀ ତଟ ଗ୍ରାମ ବିଞ୍ଝଣାପଲିଠାରେ ରଷିକୁଲ୍ୟା ନଦୀର ସୁରକ୍ଷା ପାଇଁ ସତ୍ୟାଗ୍ରହ କରାଯାଇଛି। ମଙ୍ଗଳବାରଠାରୁ ପରିବେଶବିତ୍ ପ୍ରଫୁଲ୍ଲ ସମନ୍ତରା ଉପବାସ ରଖି ବୁଧବାର ଶେଷ କରି ସତ୍ୟାଗ୍ରହ ସ୍ଥଳରେ ଉପସ୍ଥିତ ଅଞ୍ଚଳବାସୀଙ୍କୁ ଏକାଠି ହୋଇ ନଦୀ ପ୍ରତି ଦେଖାଦେଇଥିବା ବିପତ୍ତିକୁ ଅଟକାଇବା ପାଇଁ ଆନ୍ଦୋଳନ କରିବାକୁ ନିବେଦନ କରିଛନ୍ତି। ନଦୀର ଏକମାତ୍ର ମୂଳସ୍ରୋତ ଜଳଧାରକୁ ଅଟକାଇ ପିପଲପଙ୍କାରେ ଜଳଭଣ୍ଡାର ନିର୍ମାଣ କରିବାକୁ ସରକାର ଯୋଜନା କରିଛନ୍ତି। ଯାହାଦ୍ୱାରା ବର୍ଷାଦିନ ପରେ ଜୁନ୍ ମାସ ପର୍ଯ୍ୟନ୍ତ ଟୋପାଏ ପାଣି ବହିବ ନାହିଁ। ନଦୀ ଶୁଖିଯିବ, ଗଞ୍ଜାମ ସମୁଦ୍ର ମୁହାଣ ପ୍ରଭାବିତ ହେବ। ଲୋକେ ପିଇବା ପାଣିରୁ ବଞ୍ଚିତ ହେବେ। ସେହିପରି ନଦୀରୁ ଅତ୍ୟଧିକ ବାଲି ଚାଲାଣ ଚାଲିଛି, ଯାହାକି ନଦୀର କ୍ଷତି କରୁଛି। ସରକାର ନଦୀର ସୁରକ୍ଷା ପାଇଁ ପିପଲପଙ୍କା ପ୍ରକଳ୍ପ ପ୍ରତ୍ୟାହାର କରିବାକୁ ସତ୍ୟାଗ୍ରହରେ ଯୋଗ ଦେଇଥିବା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ ବିଶ୍ୱାଳ, ରଷିକୁଲ୍ୟା ବଞ୍ଚାଅ ଆକ୍ସନ୍ କମିଟି ଅଧ୍ୟକ୍ଷ ସୁଧୀର ରାଉତ, ଖବରଦାତା ରବି ରଥ, ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ, କୃଷକ ନେତା ଭାଲଚନ୍ଦ୍ର ଷଡଙ୍ଗୀ, ପ୍ରଫେସର ଉଷାରାଣୀ ଆଚାର୍ଯ୍ୟ, ହେତୁବାଦୀ ସଙ୍ଗଠନର ଇଟି ରାଓ, ନାଏବ ସରପଞ୍ଚ କୃଷ୍ଣ ଚନ୍ଦ୍ର ପ୍ରଧାନ ପ୍ରମୁଖ ଦାବି କରିଛନ୍ତି। ରଷିକୂଲ୍ୟା ରୟତ ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକ ସତ୍ୟାଗ୍ରହ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।


ସତ୍ୟାଗ୍ରହ କାର୍ଯ୍ୟକ୍ରମରେ ଉପସ୍ଥିତ ନେତା ଓ ଅନ୍ୟମାନେ

## ସଂକ୍ଷେପରେ

### ପୋଲିସର ଫ୍ଲାଗ୍‌ମାର୍ଚ୍ଚ

ଆସିକା,୫।୬(ସୁରେନ୍ଦ୍ର ନାଥ ସାହୁ)

ନିର୍ବାଚନ ପରବର୍ତ୍ତି ହିଂସାକୁ ରୋକିବା ସହ ପୋଲିସ ପ୍ରତି ସାଧାରଣରେ ଅଧିକ ଆସ୍ଥା ପ୍ରକଟ ଲକ୍ଷ୍ୟରେ ପୋଲିସ ପକ୍ଷରୁ ବୁଧବାର ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଫ୍ଲାଗ୍‌ମାର୍ଚ୍ଚ କରାଯାଉଛି। ଆସିକା ଏସ୍‌ଡିପିଓ. ସଞ୍ଜୟ କୁମାର ମହାପାତ୍ର, ଆସିକା ଥାନା ଅଧିକାରୀ ରାଜେନ୍ଦ୍ରନାରାୟଣ ପଟ୍ଟନାୟକ, କୋଟିନଡ଼ା ଥାନା ଅଧିକାରୀ କୃଷ୍ଣ ସାହାଙ୍କ ନେତୃତ୍ୱରେ ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଥିଲା। ଆସିକା ସହରର ଖମ୍ବେଶ୍ୱରୀପାଟଣା, ହସପିଟାଲ ରୋଡ, ବିଜୁ ପଟ୍ଟନାୟକ ଛକ ଏବଂ କୋଟିନଡା ଥାନା ଇଲାକାର କଇଁଫୁଲିଆ ଛକ, ଚାରିମଇଲି, ପାଣ୍ଡିଆପଥର, ଭେଜିପୁଟ ଆଦି ଗ୍ରାମାଞ୍ଚଳରେ ଏହି ଫ୍ଲାଗ୍‌ମାର୍ଚ୍ଚ ହୋଇଛି।

### ଅନିତା ଶୁଭଦର୍ଶିନୀ ହେଲେ ଆସିକା ଏମ୍‌ପି



ଆସିକା,୫।୬ (ସୁରେନ୍ଦ୍ର ନାଥ ସାହୁ)

ଦୀର୍ଘ ୨ ଦଶନ୍ଧିରୁ ଦଶନ୍ଧିରୁ ଊର୍ଦ୍ଧ୍ୱକାଳ ଧରି ବିଜେଡି କବ୍‌ଜାରେ ଥିବା ଆସିକା ଲୋକ ସଭା ଆସନକୁ ଭାଜପା ଟାଣିନେଇଛି । ଚଳିତ ନିର୍ବାଚନରେ ଆସିକା ଏମ୍‌ପି ଭାବେ ଭାଜପା ପ୍ରାର୍ଥିନୀ ଅନୀତା ଶୁଭଦର୍ଶିନୀ ବିପୁଳ ଭୋଟରେ ବିଜୟୀ ହୋଇଛନ୍ତି। ଭାଜପା ପ୍ରାର୍ଥିନୀ ଶୁଭଦର୍ଶିନୀ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ରଞ୍ଜିତା ସାହୁଙ୍କଠାରୁ ୯୯ହଜାର ୯୭୪ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିବା ଜଣାପଡିଛି । ଅନୀତା ୪ଲକ୍ଷ ୯୪ହଜାର ୨୨୬ ଭୋଟ ପାଇଥିଲା ବେଳେ ତାଙ୍କ ନିକଟତମ ବିଜେଡି ପ୍ରାର୍ଥିନୀ ରଞ୍ଜିତା ସାହୁ ୩ଲକ୍ଷ ୯୪ହଜାର ୨୫୨ ଭୋଟ ପାଇଛନ୍ତି। ସେହିଭଳି ଅନ୍ୟତମ କଂଗ୍ରେସ ପ୍ରାର୍ଥୀ ଦେବକାନ୍ତ ଶର୍ମା ୭୫ହଜାର ୨୫୫ ଭୋଟ ପାଇଥିଲା ବେଳେ ସଞ୍ଜୟ କୁମାର ବିଷୋୟୀ ୧୧ହଜାର ୨୪୦, ପପୁନୁ ସାହୁ ୮ହଜାର ୬୭୩, ପୀତବାସ ସାହୁ ୬ ହଜାର ୮୮୮, ବୃନ୍ଦାବନ ନାହାକ ୫ହଜାର ୪୩୯ ଭୋଟ ପାଇଥିଲା ବେଳେ ୨୧ହଜାର ୯୪୧ ଭୋଟ ନୋଟାକୁ ଯାଇଥିବା ଜଣାପଡିଛି। ଭାଜପା ପ୍ରାର୍ଥିନୀ ଶୁଭଦର୍ଶିନୀଙ୍କ ବିଜୟ ପରେ ବିଭିନ୍ନ ମହଲରୁ ତାଙ୍କୁ ଅଭିନନ୍ଦନର ସୁଅ ଛୁଟୁଛି।

### ଦଧିବାମନ କ୍ରିକେଟ କ୍ଲବ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ଦିଗପହଣ୍ଡି,୫।୬ (ଅଶେଷ ନାଥ ମିଶ୍ର):

ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ଗ୍ରାମରେ ଅନୁଷ୍ଠିତ ମା' ବୁଢ଼ୀ ଠାକୁରାଣୀ ଯାତ୍ରା ଅବସରରେ ବୁଧବାର ସ୍ଥାନୀୟ ଉଚ୍ଚ ବିଦ୍ୟାଳୟ ପରିସରରେ ଦଧିବାମନ କ୍ରିକେଟ କ୍ଲବ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ପ୍ରତି ୫ ବର୍ଷରେ ଥରେ ଗ୍ରାମରେ ସ୍ଥାନୀୟ ଲୋକଙ୍କ ମିଳିତ ସହଯୋଗରେ ମା'ଙ୍କ ଯାତ୍ରା ମହାସମାରୋହରେ ପାଳିତ ହୋଇଆସୁଛି। ଚଳିତ ବର୍ଷ ମା'ଙ୍କ ଯାତ୍ରା ମେ ୩୧ଠାରୁ ଆରମ୍ଭ ହୋଇ ଆସନ୍ତା ୯ରେ ଉଦଯାପିତ ହେବ। ଯାହାକୁ ନେଇ ସମଗ୍ର ଗ୍ରାମ ଉତ୍ସବ ମୁଖର ହୋଇଉଠିଛି। ଏଭଳି ସ୍ଥିତିରେ ବ୍ରହ୍ମପୁର ରକ୍ତଭଣ୍ଡାରରେ ରକ୍ତର ଅଭାବକୁ ଦୂରେଇବା ପାଇଁ କ୍ଲବ ପକ୍ଷରୁ ଆୟୋଜିତ ଶିବିରରେ ୭୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଏହି ଶିବିରରେ ବୁଦ୍ଧିଜୀବୀମାନଙ୍କଠାରୁ ଆରମ୍ଭ କରି ଶିକ୍ଷାବିତ, ସରକାରୀ ଅନୁଷ୍ଠାନ କର୍ମକର୍ତ୍ତା, ବହୁସଂଖ୍ୟକ ଯୁବକ ଉପସ୍ଥିତ ରହି ଶିବିରକୁ ଉତ୍ସାହିତ କରିବା ସହ ରକ୍ତଦାନ କରିଥିଲେ। ଡାକ୍ତର ଚିନ୍ମୟ ରଞ୍ଜନ ସ୍ୱାଇଁଙ୍କ ନେତୃତ୍ୱରେ ବ୍ରହ୍ମପୁର ରକ୍ତଭଣ୍ଡାରର କର୍ମଚାରୀମାନେ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଭଳି ମହତ୍ତ୍ୱ କାର୍ଯ୍ୟ ପାଇଁ ସ୍ଥାନୀୟ ଅଞ୍ଚଳବାସୀ କ୍ଲବର ସମସ୍ତ ସଦସ୍ୟମାନଙ୍କୁ ଭୂୟସୀ ପ୍ରଶଂସା କରିଥିଲେ।

# ବିଜୟ ଉତ୍ସବ ମନାଇଲେ ଗୋକୁଳାନନ୍ଦଙ୍କ ସମର୍ଥକ

ପୋଲସରା/ବୁଗୁଡ଼ା,୫।୬

(ସୁବ୍ରତ ବେହେରା/ କାଳିଚରଣ ଦାଶ)

ପୋଲସରା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଭାଜପାର ଗୋକୁଳାନନ୍ଦ ମଲ୍ଲିକ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡିର ଶ୍ରୀକାନ୍ତ ସାହୁଙ୍କୁ ୨୦,୯୪୬ ଖଣ୍ଡ ଭୋଟ ବ୍ୟବଧାନରେ ହରାଇ ବିଜୟ ମୁକୁଟ ପିନ୍ଧିଛନ୍ତି। ଗୋକୁଳାନନ୍ଦ ୮୫,୭୩୭ ଭୋଟ ପାଇଥିବା ବେଳେ ଶ୍ରୀକାନ୍ତ ୬୪, ୭୯୧ ଭୋଟ ପାଇଛନ୍ତି। ବିଜେଡିର ଗଡ ଭାବେ ପରିଚିତ ଏହି ନିର୍ବାଚନ ମଣ୍ଡଳୀରେ ପ୍ରଥମ ଭାଜପା ବିଧାୟକ ଭାବେ ଗୋକୁଳାନନ୍ଦ ନିର୍ବାଚିତ ହୋଇଛନ୍ତି। ପୋଲସରା ନିର୍ବାଚନ ମଣ୍ଡଳୀ ଗଠନ ହେବାପରଠୁ ପ୍ରତ୍ୟେକ ଥର ପୋଲସରା ଅଞ୍ଚଳର ଜଣେ ନେତା ହିଁ ନିର୍ବାଚିତ ହୋଇଆସୁଥିଲେ। ବୁଗୁଡା ଚଳିତଥର ବୁଗୁଡ଼ା ଅଞ୍ଚଳର ଗୋକୁଳାନନ୍ଦଙ୍କୁ ବିଧାୟକ ନିର୍ବାଚିତ କରିଛନ୍ତି। ତାଙ୍କୁ ସମର୍ଥକମାନଙ୍କ ପକ୍ଷରୁ ଶୁଭେଚ୍ଛାର ସୁଅ ଛୁଟିଛି। ପୋଲସରାରେ ଢୋଲ, ଶଙ୍ଖ ମହୁରୀ ବଜାଇ ବାଣ ଫୁଟାଇ ସମର୍ଥକମାନେ ବିଜୟ ଉତ୍ସବ ପାଳନ କରିଥିଲେ। ଏହା ପୋଲସରା ଜନତାଙ୍କ ବିଜୟ। ମୁଁ କେବଳ ଜଣେ ସେବକ ବୋଲି ନବ ନିର୍ବାଚିତ ବିଧାୟକ ତଥା ଘୁମୁସର ଜିଲା ସଭାପତି ଗୋକୁଳାନନ୍ଦ ମଲ୍ଲିକ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି । ବିଜୟ ଘୋଷଣା ପରେ ସେ ପ୍ରଥମେ ନିଜ ଗାଁ ଘୋଳପୁର ଗ୍ରାମଦେବୀଙ୍କ ଦର୍ଶନ କରି ମା' ବାପା ଭାଇ ଭଉଣୀଙ୍କ ଆଶୀର୍ବାଦ ନେଇଥିଲେ। ଏହା ପରେ କସିପଡ଼ାରେ ମା ସିଂହାସନୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରି ଆଶିଷ ଭିକ୍ଷା କରିଥିଲେ। ଅନ୍ୟପଟେ ବୁଗୁଡ଼ା ଭାଜପା କାର୍ଯ୍ୟାଳୟ ମଧ୍ୟ ଉତ୍ସବମୁଖର ହୋଇଥିବା ଦେଖାଯାଇଥିଲା।


ସମର୍ଥକଙ୍କ ଗହଣରେ ନବ ନିର୍ବାଚିତ ପୋଲସରା ବିଧାୟକ।

# କଂଗ୍ରେସ ପ୍ରାର୍ଥୀ ପ୍ରଫୁଲ୍ଲ ବିଜୟୀ

## ଜି.ଉଦୟଗିରି ବିଧାନସଭା ଆସନ

ଜି.ଉଦୟଗିରି,୫।୬(ଶିଶିର ପଟ୍ଟନାୟକ)

ଜି.ଉଦୟଗିରି ୮୩ ନମ୍ବର ବିଧାନସଭା ଆସନରେ କଂଗ୍ରେସ ପ୍ରାର୍ଥୀ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ମାନଗୋବିନ୍ଦ ପ୍ରଧାନଙ୍କୁ ୭୮୫୭ ଭୋଟ ବ୍ୟବଧାନରେ ପରାସ୍ତ କରି ବିଜୟୀ ହୋଇଛନ୍ତି। କଂଗ୍ରେସ ପ୍ରାର୍ଥୀ ୫୩୫୩୦ଟି ଭୋଟ ପାଇଥିବା ବେଳେ ଭାଜପା ପ୍ରାର୍ଥୀ ୪୫୬୭୩ ଭୋଟ ପାଇଛନ୍ତି। ବିଜେଡି ପ୍ରାର୍ଥୀ ସାଲୁଗା ପ୍ରଧାନ ୪୦୩୭୩ଟି ଭୋଟ ପାଇ ତୃତୀୟ ସ୍ଥାନରେ ରହିଛନ୍ତି।

ସୂଚନା ଅନୁଯାୟୀ, ଏହି ଆସନରେ ସମୁଦାୟ ୮ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ସେମାନଙ୍କ ମଧ୍ୟରୁ ଆମ୍ ଆଦ୍‌ମୀ ପାର୍ଟିର ଯୌବନ ମଲ୍ଲିକ ୧୧୩୪ ଟି ଭୋଟ, ସ୍ୱାଧୀନ ପ୍ରାର୍ଥୀ ପ୍ରଦୀପ କୁମାର କହ୍ନର ୮୩୫ , ମାନସ ଲୋକଶକ୍ତି ଦଳର ସିରେଲ ପ୍ରଧାନ ୫୩୨, କଳିଙ୍ଗ ସେନାର ସଞ୍ଜୟ କୁମାର ପ୍ରଧାନ ୪୪୧ ଓ



ନ୍ୟାଶନାଲ ଆପନି ପାର୍ଟିର ପ୍ରଦୀପ ପ୍ରଧାନ ୪୨୬ ଟି ଭୋଟ ପାଇଛନ୍ତି । ୧୫୦୭ ଜଣ ନୋଟାରେ ଦେଇଛନ୍ତି ସମୁଦାୟ ୮ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୫ ଜଣ ପ୍ରାର୍ଥୀଙ୍କଠାରୁ ନୋଟାକୁ ଅଧିକ ଭୋଟ ମିଳିଛି । ସମୁଦାୟ ୨୦୮୧୮୩ ମତଦାତାଙ୍କ ମଧ୍ୟରୁ ୧୪୪୪୫୧ ଜଣ ମତଦାତା ମତଦାନ କରିଥିଲେ। କଂଗ୍ରେସର ଦୁର୍ଗ ଭାବେ ପରିଚିତ ଏହି ଆସନଟି ୫ ବର୍ଷ ପରେ ପୁଣି କଂଗ୍ରେସ ଫେରି ପାଇଲା।

ଏହି ଆସନଟି କଂଗ୍ରେସର ଦୁର୍ଗ ଭାବେ ପରିଚିତ। ୧୯୮୦ରୁ ୧୯୯୫ ପର୍ଯ୍ୟନ୍ତ କଂଗ୍ରେସର ନାଗାର୍ଜୁନ ପ୍ରଧାନ ଏହି ଆସନରୁ ବିଜୟ ଲାଭ କରିଆସୁଥିଲେ। ୨୦୦୦ ନିର୍ବାଚନରେ ପ୍ରଥମେ ସାଲୁଗା ପ୍ରଧାନ ବିଜେଡିର ପ୍ରାର୍ଥୀ ଭାବେ ବିଜୟ ଲାଭ କରିଥିଲେ । ପୁଣି ୨୦୦୪ ନିର୍ବାଚନରେ କଂଗ୍ରେସର ଅଜୟନ୍ତି ପ୍ରଧାନଙ୍କ ହାତକୁ ଏହି ଆସନ ଚାଲି ଯାଇଥିଲା। ୨୦୦୯ରେ କନ୍ଧମାଳ ଦଙ୍ଗା ପରେ ପ୍ରଥମ ଥର ଏହି ଆସନ ଟି ଭାଜପା ଖାତାକୁ ଯାଇଥିଲା। ଭାଜପା ପ୍ରାର୍ଥୀ ମନୋଜପ୍ରଧାନ ବିଜୟୀ ହୋଇଥିଲେ। ପୁଣି ୨୦୧୪ରେ କଂଗ୍ରେସର ଜାକବ ପ୍ରଧାନ ବିଜୟୀ ହୋଇଥିବା ବେଳେ ୨୦୧୯ରେ ବିଜେଡି ପକ୍ଷରୁ ସାଲୁଗା ପ୍ରଧାନ ବିଜୟୀ ହୋଇଥିଲେ। ୨୦୨୪ ନିର୍ବାଚନରେ ପୁଣି ଏହି ଆସନଟି କଂଗ୍ରେସ ହାତକୁ ଯାଇଛି।

# କଙ୍କଡାଗୁଡା ଶବର ସମାଜର ସମ୍ମିଳନୀ

ଆର.ଉଦୟଗିରି,୫।୬(ମନୋଜ କୁମାର ପାତ୍ରୀ):

ଆର.ଉଦୟଗିରି ଥାନା ପୁଟୁରୁପଡା ପଞ୍ଚାୟତ ତୁମୁନୁ ଗ୍ରାମରେ କଙ୍କଡାଗୁଡା କେନ୍ଦ୍ର କାର୍ଯ୍ୟାଳୟ ପକ୍ଷରୁ ଅଷ୍ଟମ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଶବର ସମାଜ କଲ୍ୟାଣ ସମିତି କେନ୍ଦ୍ର ସଭାପତି ମାଧବ ମଣ୍ଡଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଝାମ୍ପୁରା ରଇତ ମୁଖ୍ୟ ଅତିଥି, ଲିଙ୍ଗରାଜ କାଜି ମୁଖ୍ୟବକ୍ତା, ସର୍ବୋଚ୍ଚ ସଭାପତି ଦଳପତି ମଣ୍ଡଳ, ସମ୍ପାଦକ କୃଷ୍ଣଚନ୍ଦ୍ର ଗମାଙ୍ଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କଙ୍କଡାଗୁଡା କେନ୍ଦ୍ର ଅଧୀନସ୍ଥ ୧୬ଖଣ୍ଡ ଗ୍ରାମରୁ ୩ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ସେମାନେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଛାତ୍ର ସଂସଦ ସମ୍ପାଦକ ସୋମନାଥ ମଣ୍ଡଳ ମଞ୍ଚ ପରିଚାଳନା କରିଥିଲେ। ରେଙ୍କା ମଣ୍ଡଳ, ଅର୍ଜୁନ ରଇତଙ୍କ ସମେତ ଶିକ୍ଷକବୃନ୍ଦ ଓ ସ୍ଥାନୀୟ ଜନସାଧାରଣ ସହଯୋଗ କରିଥିଲେ।

# ଶ୍ରମିକଙ୍କ ମୃତ୍ୟୁ

ଦିଗପହଣ୍ଡି,୫।୬ (ଅଶେଷ ନାଥ ମିଶ୍ର): ଦିଗପହଣ୍ଡି ବ୍ଲକ ଖମ୍ବାରୀ ଗାଁ ପଞ୍ଚାୟତ ଗୋଲଣ୍ଡା ଗ୍ରାମର ସାଗର ନାୟକ ନାମକ ଜଣେ ଯୁବକଙ୍କ ବୁଧବାର ଅପରାହ୍ନରେ ଆକସ୍ମିକ ମୃତ୍ୟୁ ହୋଇଥିବା ବେଳେ ଅଂଶୁଘାତ ସନ୍ଦେହ କରାଯାଉଛି। ମଧ୍ୟାହ୍ନ ପ୍ରାୟ ସାଢ଼େ ୧୨ ଟା ସମୟରେ ସାଗର ସାଇକେଲରେ ଘୋଡାହାଡ଼ ଡ୍ୟାମ ରାସ୍ତାରେ ଯାଉଥିବା ବେଳେ ବାଲିଘାଇ ଗ୍ରାମ ଛକ ନିକଟରେ ଟଳି ପଡ଼ିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ବ୍ରହ୍ମପୁର ବଡ଼ ଡାକ୍ତରଖାନା ନିଆଯାଇଥିବା ବେଳେ ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ପାଇପ କମ୍ପାନୀରେ ଶ୍ରମିକଙ୍କ ମୃତ୍ୟୁ

## କ୍ଷତିପୂରଣ ଦାବିରେ ହୋହଲ୍ଲା


କମ୍ପାନୀ ସମ୍ମୁଖରେ ଉତ୍ତ୍ୟକ୍ତ ଲୋକେ ।

ଟିକିଟି,୫।୬(ପ୍ରକାଶ ଚନ୍ଦ୍ର ସାହୁ)

ଟିକିଟି ବ୍ଲକ ଅନ୍ତର୍ଗତ ପିତାତଳି ଗ୍ରାମ ନିକଟରେ ଥିବା ଏକ ଘରୋଇ ପାଇପ୍ କମ୍ପାନୀରେ ମଙ୍ଗଳବାର ରାତିରେ ଦୁର୍ଘଟଣା ଘଟି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କେ. ନୂଆଗାଁ ଥାନା ରାମଚନ୍ଦ୍ରପୁର ପଞ୍ଚାୟତ ଲାଓବାଡି ଗ୍ରାମର ନିରଞ୍ଜନ ପ୍ରଧାନ। ପାଇପ କମ୍ପାନୀରେ ନିରଞ୍ଜନ ଦୀର୍ଘବର୍ଷ ହେଲା କାମ କରି ଆସୁଥିଲେ। ମଙ୍ଗଳବାର ମଧ୍ୟ ରାତିରେ ପ୍ଲାଷ୍ଟିକ ପାଇପ ବ୍ୟବହୃତ ହେଉଥିବା ରେଜିଂ ପାଉଡର ବସ୍ତାକୁ କ୍ରେନ୍ ସାହାଯ୍ୟରେ ନେଉଥିବା ବେଳେ ହଠାତ୍ ବସ୍ତାଟି ଉପରେ ପଡ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ କମ୍ପାନୀର କେତେଜଣ କର୍ମଚାରୀ ନିରଞ୍ଜନଙ୍କ ପରିବାରକୁ ଜଣାଇଥିଲେ। ବୁଧବାର ସକାଳେ ପରିବାରବର୍ଗ ସ୍ଥାନୀୟ ଲୋକଙ୍କ ସହ ମିଶି କ୍ଷତିପୂରଣ ଦାବିରେ କମ୍ପାନୀ ଆଗରେ ହୋହାଲ୍ଲା କରିଥିଲେ। ଖବରପାଇ ଗୋଳନ୍ଥରା ଥାନାଧିକାରୀ ବିବେକାନନ୍ଦ ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି କମ୍ପାନୀ ମାଲିକଙ୍କ ସହିତ ଆପୋଷ ବୁଝାବଣା କରିବାରୁ ଆନ୍ଦୋଳନରୁ ଓହରିଥିଲେ ଉତ୍ତ୍ୟକ୍ତ ଲୋକ। ଏ ନେଇ ୨୩/୨୦୨୪ରେ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି। ଅପରାହ୍ନରେ ମୃତଦେହ ବ୍ୟବଚ୍ଛେଦ ହୋଇ ଆସିବା ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।

# ଛତ୍ରପୁର ସରକାରୀ ଆଇଟିଆଇର ସଫଳତା


ଉଦ୍‌ଘାଟନ କରାଯାଉଛି ।

ଛତ୍ରପୁର,୫।୬(ସନ୍ତୋଷ ପାଢ଼ୀ/ ଦିଲୀପ ସାମଲ):

ଛତ୍ରପୁର ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ପରିସରରେ ଅନୁଷ୍ଠାନର ଅଧ୍ୟକ୍ଷ ଇଂ. ପ୍ରିୟବ୍ରତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି । ଅନୁଷ୍ଠାନ ପରିସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବର୍ଜ୍ୟ ପ୍ଲାଷ୍ଟିକ ସଂଗ୍ରହ ଏବଂ ନିଷ୍କାସନ କରିବା ସହ ଲଗାଯାଇଥିବା ଗଛଗୁଡିକୁ ପାଣିଦେବା ତଥା କିଭଳି ଯତ୍ନ ନିଆଯିବ ଜଣେଇବା ସହ ଛାତ୍ରୀଛାତ୍ରମାନଙ୍କଦ୍ୱାରା ଅଦରକାରୀ ସାମଗ୍ରୀରେ ତିଆରି କରିଥିବା ସୌରଚାଳିତ ପନିପରିବା ଯାନ ଅନୁଷ୍ଠାନର ଟ୍ରେନିଂ ଅଫିସର ରାମକୃଷ୍ଣ ସାହୁ ଉଦ୍‌ଘାଟନ କରିଥିଲେ ଯେଉଁଥିରେ, ୧୦୦ ୱାଟ କାପାସିଟିର ତିନିଟି ସୋଲାର ପାନେଲ ଖଞ୍ଜାଯାଇଛି। ଏଥିରୁ ୨୩୦ ଭୋଲ୍ଟ ବିଦ୍ୟୁତ ଉତ୍ପାଦନ କରାଯିବ । ଏକ ପୁରୁଣା ଫ୍ରିଜ କ୍ୟାବିନେଟ ଏବଂ ଅପରିତ୍ୟକ୍ତ ଦୁଇ ଚକିଆ ଯାନକୁ ସୌରଚାଳିତ ପନିପରିବା ଯାନରେ ରୂପାନ୍ତର କରାଯାଇଅଛି । ଏହା ବ୍ୟତୀତ ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଅନୁଷ୍ଠାନ ପରିସରରେ ୩୫୦୦ ବର୍ଗ ଫୁଟ ଜାଗା ପୁନରୁଦ୍ଧାର କରାଯାଇଅଛି ଏବଂ ଏଠାରେ ପାଖାପାଖି ୪୫୦ ବୃକ୍ଷରୋପଣ ଆଗାମୀ ବର୍ଷାଋତୁରେ କରାଯିବ । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ କର୍ମଚାରୀ ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ବିଶ୍ୱ ପରିବେଶ ଦିବସ ପାଳିତ

ଆସିକା,୫।୬(ସୁରେନ୍ଦ୍ର ନାଥ ସାହୁ)

ଆସିକା ବନାଞ୍ଚଳର ଚେରମାରିଆସ୍ଥିତ ଇକୋ ଟୁରିଜମ ସେଣ୍ଟରଠାରେ ବୁଧବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଥିଲା । ଆସିକା ତାଲୁକା ଆଇନସେବା ପ୍ରାଧିକରଣର ସହଭାଗିତାରେ ଆସିକା ବନାଞ୍ଚଳ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାଧିକରଣର ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲା ଜଜ୍ ପ୍ରବୀର କୁମାର ଚୌଧୁରୀ ଅଧ୍ୟକ୍ଷତା କରିଥିଲେ। କନିଷ୍ଠ ଦେୱାନୀ ବିଚାରପତି ଜିଲିନା ନାୟକ, ମୟୂର ସୁରକ୍ଷା ସମିତିର ସଭାପତି ସମୀର ପ୍ରଧାନ, ଆଇନଜୀବୀ କାଳୁ ଚରଣ ଲେଙ୍କା, ବନାଞ୍ଚଳ ଅଧିକାରୀ ପ୍ରମୋଦ କୁମାର ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ପ୍ରଦୂଷିତ ପରିବେଶ ଯୋଗୁ ଦେଖାଦେଉଥିବା ବିଭିନ୍ନ ଅସୁବିଧା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବନପାଳ ଶରତ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜିଲା ବନ ବିଭାଗ ପକ୍ଷରୁ ବିଶ୍ୱ ପରିବେଶ ଦିବସ

ପାରଳାଖେମୁଣ୍ଡି, ୫।୬ (ଗିରିଧାରୀ ପରିଛା):

ପ୍ରତିବର୍ଷ ଜୁନ ୫ ତାରିଖରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଥାଏ। ଏହି ପରିପ୍ରେକ୍ଷୀରେ ବୁଧାର ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଫରେଷ୍ଟ ଗେଟ ଛକରେ ଗଜପତି ବନଖଣ୍ଡ ଅଧିକାରୀ ଏସ. ଆନନ୍ଦଙ୍କ ନେତୃତ୍ୱରେ ଭିନ୍ନ ଢ଼ଙ୍ଗରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି । ଏହି ଅବସରରେ ଜିଲା ବନ ବିଭାଗ ପକ୍ଷରୁ ଏକ ଆୟୋଜିତ ସଚେତନ କାର୍ଯ୍ୟକ୍ରମରେ ବାହାରେ ପଡିଥିବା ପ୍ଲାଷ୍ଟିକ ବଟଲକୁ ବନ ବିଭାଗର କର୍ମଚାରୀମାନେ ଉଠାଇ ଆଣି ପ୍ଲାଷ୍ଟିକରେ ଏକ ପାଣି ଟ୍ୟାପ ବନାଇଥିଲେ। ଏଭଳି ବନେଇବାର ଉଦେଶ୍ୟ ହେଲା ଭବିଷ୍ୟତରେ ଯେତେବେଳେ ପାଣି ପାଇଁ ମାଟିତଳୁ ପାଣି ବାହାର କରିବା ସେତେବେଳେ କେବଳ ପ୍ଲାଷ୍ଟିକ ପାଇବା, ତେଣୁ ଆମେ ନିତିଦିନିଆ ଜୀବନରେ ପ୍ରତି ସମୟରେ ପ୍ଲାଷ୍ଟିକ ବ୍ୟବହାର କରି ବାହାରେ ନ ଫୋପାଡି ଅଦରକାରୀ ପ୍ଲାଷ୍ଟିକରୁ ଆମେ କିଛି ନୂଆ ଜିନିଷ ବନେଇବା ପାଇଁ ଲୋକମାନଙ୍କୁ ସଚେତନ କରାଇବା ସହ ବନଖଣ୍ଡ କାର୍ଯ୍ୟାଳୟ ପରିସରରେ ପଡ଼ିଥିବା ପ୍ଲାଷ୍ଟିକ ବଟଲ ଓ ଜରିକୁ ଗୋଟାଇ ପରିବେଶ ସଫାସୁତୁରା କରିଥିଲେ ବନ କର୍ମଚାରୀ।

# ବିଶ୍ୱ ତାପନ ରୋକିବାକୁ ହେଲେ ବୃକ୍ଷରୋପଣ ଜରୁରୀ

ଶେରଗଡ଼, ୫।୬ (ସୂର୍ଯ୍ୟନାରାୟଣ ଦାଶ):

ଶେରଗଡ଼ସ୍ଥିତ ଉଦୟ ପ୍ରତାପ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଆୟୋଜିତ ଏକ କର୍ମଶାଳା ଓ ଆଲୋଚନା ଚକ୍ରରେ ଏସିଏଫ ପ୍ରଦୀପ ବେହେରା ଅଧ୍ୟକ୍ଷତା କରିଥିଲେ। ଇତିହାସ ଅଧ୍ୟାପକ ଶିବାଜୀ ପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଲେଜର ଅଧ୍ୟକ୍ଷ ଉପେନ୍ଦ୍ର କୁମାର ବାଢ଼ତ୍ୟା, ଭଞ୍ଜନଗର ଉପଖଣ୍ଡର ବରିଷ୍ଠ ସମାଜସେବୀ ଶୁଳପାଣୀ ଶତପଥି, ବରଗଛ ସଂରକ୍ଷଣ ସମିତିର ସଭାପତି ଲୋକନାଥ ପରିଡା, ଆସିକା ବନାଞ୍ଚଳ ଅଧିକାରୀ ପ୍ରମୋଦ କୁମାର ପଣ୍ଡା, ମୟୂର ସୁରକ୍ଷା ସମିତିର ସଭାପତି ସମୀର ପ୍ରଧାନ, ଟ୍ରି ଫାଉଣ୍ଡେଶନର ସଭାପତି ନିରାକାର ବିଷୋୟୀ ପ୍ରମୁଖ ଯୋଗଦେଇ ବିଶ୍ୱପରିବେଶ ଦିବସ ଉପରେ ମତ ରଖିଥିଲେ। ଆଜି ବିଶ୍ୱ ତାପନ ବଢିବାରେ ଲାଗିଛି। ପରିବେଶ ଦୂଷିତ ହେବାରେ ଲାଗିଛି। ଅବାଧରେ ଗଛକଟା ଗ୍ରାମ ସହରରେ ବୃକ୍ଷ ଶୂନ୍ୟ ହୋଇଚାଲିଛି। ଫଳରେ ଦିନକୁ ଦିନ ଜଳବାୟୁ ପରିବର୍ତ୍ତନରେ ବ୍ୟାପକ ଅନିୟମିତତା ସୃଷ୍ଟି ହୋଇ ପରିବେଶ ଧ୍ୱଂସାଭିମୁଖି ଆଡ଼େ ଗତିକରି ସାରିଲାଣି। ଗଛ ଲଗାଇବାକୁ ଜନ ଆନ୍ଦୋଳନରେ ପରିଣତ କରିବାକୁ ପଡିବ। ବିଶ୍ୱ ତାପନ ରୋକିବାକୁ ହେଲେ ବୃକ୍ଷରୋପଣ ଜରୁରୀ ବୋଲି ଅତିଥିମାନେ କହିଥିଲେ। ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ପରିବେଶ ଉପରେ ପ୍ରତିଯୋଗିତା କରାଯାଇ ପୁରସ୍କାର ପ୍ରଦାନ କରାଯାଇ ଥିଲା। ଶିବାଜୀ ପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଜଗନ୍ନାଥଙ୍କ ମୂର୍ତ୍ତିରେ ଦୀପ ପ୍ରଜ୍ୱଳନ କରାଯାଇ ଥିଲା। ବୈଶ୍ୟ ସମାଜର ମହିଳା ସଂଘର କର୍ମକର୍ତ୍ତାଗଣ, ବହୁ କଲେଜ ଛାତ୍ର ଯୋଗଦେଇ ଥିଲେ।

# ମା' ରାମଚଣ୍ଡୀ ପୀଠରେ ବୃକ୍ଷ ହିଁ ଜୀବନ କାର୍ଯ୍ୟକ୍ରମ

ଛତ୍ରପୁର,୫।୬(ସନ୍ତୋଷ ପାଢ଼ୀ):

ବିଶ୍ୱ ପରିବେଶ ଦିବସ ଅବସରରେ ଛତ୍ରପୁର ନିକଟରେ ଥିବା ମା' ରାମଚଣ୍ଡୀଙ୍କ ମନ୍ଦିର ପରିସରରେ 'ବୃକ୍ଷ ହିଁ ଜୀବନ' କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମା' ରାମଚଣ୍ଡୀ ଟ୍ରଷ୍ଟ, ମନ୍ଦିର ପରିଚାଳନା କମିଟି, ପୂଜା କମିଟି, ଓଏସଏପି ଅଷ୍ଟମ ବାଟାଲିଆନର ଅଫିସର ଷ୍ଟାଫ, ପ୍ରତିଭା କଲେଜର ଛାତ୍ରୀଛାତ୍ର ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ମିଳିତ ଉଦ୍ୟମରେ ବୃକ୍ଷରୋପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଓଏସଏପି ଅଷ୍ଟମ ବାଟାଲିୟନର କମାଣ୍ଡାଣ୍ଟ ସାରଦା ପ୍ରସାଦ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ମହତ କାର୍ଯ୍ୟକୁ ବୃକ୍ଷରୋପଣ କରି ଆରମ୍ଭ କରିଥିଲେ । ମନ୍ଦିର ଟ୍ରଷ୍ଟର ଅଧ୍ୟକ୍ଷ ବିନୋଦ ପାଢ଼ୀ, ଟ୍ରଷ୍ଟି ଗୁଲୁ ପଣ୍ଡା,


କାର୍ଯ୍ୟକ୍ରମରେ ଉପସ୍ଥିତ ।

ପରିଚାଳନା କମିଟିର ସଭାପତି ପ୍ରଶାନ୍ତ ନାୟକ, ସମ୍ପାଦକ ରବୀନ୍ଦ୍ର କୁମାର ପଣ୍ଡା, ସଂଯୋଜକ କମଲ ପଣ୍ଡା, ସହ ସଂଯୋଜକ ତୁଷାର ଶତପଥି, ପୂଜା କମିଟିର ଉପଦେଷ୍ଟା ତଥା ଛତ୍ରପୁର ଏସଡ଼ିଜେଏମ କୋର୍ଟର କ୍ୟାଡ଼ର ରାଜେଶ କୁମାର ମିଶ୍ର, ତ୍ରିପତି ବାଲାଜୀ ମିଶ୍ର ଓ କେ.ସତ୍ୟନାରାୟଣ ରେଡ୍ଡୀ, ସନ୍ତୋଷ ମିଶ୍ର, ପୂଜା କମିଟି ସଭାପତି ଅଜୟ ନାୟକ, କାର୍ଯ୍ୟକାରୀ ସଭାପତି ଦିବାକର ନାୟକ, ଲସିତ ବରଣ ବେହେରା, ରାଜେନ୍ଦ୍ର ବେହେରା, ଜୀବନ କୁମାର ମହାରଣା, ସୁଧୀର ମହାରଣା, ସନ୍ତୋଷ ପଣ୍ଡା, ରାଜେଶ କୁମାର ନନ୍ଦ, ରୁଦ୍ରପ୍ରସାଦ ମିଶ୍ର, ମନୋଜ ମିଶ୍ର, ଦଣ୍ଡପାଣି ମହାରଣା, ବଂଶୀଧର ନାୟକ, ଗୁଟୁ ନାୟକ, ମାଧବ ସାସମଲ, ନାରାୟଣ ସାହୁ, ଜି ଗୋରେୟା ଓ ଉପେନ୍ଦ୍ର ବେହେରା ସମସ୍ତେ ଯୋଗ ଦେଇଥିଲେ । ଶେଷରେ ଭୁବନେଶ୍ୱରର ସେବା ପ୍ରତିନିଧି ସ୍ୱେଚ୍ଛାସେବୀ ସଂଗଠନର ମୁଖ୍ୟ ନୀଳମଣି ମିଶ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ସମସ୍ତ ସହଯୋଗୀମାନଙ୍କୁ ଧନ୍ୟବାଦ ଦେଇଥିଲେ।

